# NATIONAL NEWS BULLETIN (ODIA)

## 06th July - 2025

## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ବ୍ରାଜିଲ୍‌ର ରିଓ ଡି ଜେନେରିଓରେ ଆଜି ରାତିରେ ଆରମ୍ଭ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ଦେଶର ଆର୍ଥିକ ବିକାଶରେ ସମବାୟ ସମିତିଗୁଡ଼ିକର ଅବଦାନ ଗୁରୁତ୍ୱପୂର୍ଣ୍ଣ; କହିଲେ ସମବାୟ ମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆସନ୍ତାକାଲି ହେବାକୁ ଥିବା ନିୟନ୍ତ୍ରକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରତିରକ୍ଷା ମନ୍ତ୍ରୀ ।

- ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା କେବଳ ଚିକିତ୍ସା ଉପରେ ନୁହେଁ; ବରଂ ପୁନର୍ବାସ ଉପରେ ମଧ୍ୟ ଧ୍ୟାନ ଦେଉଛି; କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

- ଶ୍ରୀକ୍ଷେତ୍ର ପୁରୀରେ ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନଙ୍କୁ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଉଛନ୍ତି ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ।

ଏବଂ

- ବର୍ମିଂହାମ୍ ଟେଷ୍ଟରେ ଦୃଢ଼ ସ୍ଥିତରେ ଭାରତ, ବିଜୟ ପାଇଁ ଆବଶ୍ୟକ କରୁଛି ଆଉ ....ଟି ଓ୍ୱିକେଟ୍ ।

## ପି.ଏମ୍. - ବ୍ରିକ୍ସ ସମ୍ମିଟ୍

ବ୍ରାଜିଲ୍‌ର ରିଓ ଡି ଜେନେରିଓରେ ଆଜି ରାତିରେ ଆରମ୍ଭ ହେବାକୁଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି  ଯୋଗଦେବେ । ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧିପାଇଁ ଏହା ବ୍ରିକ୍ସ ସମ୍ମିଳନୀର ସପ୍ତଦଶ ସଂସ୍କରଣ । ଏହି ସମ୍ମିଳନୀରେ ବିଶ୍ୱ ଶାସନ ସଂସ୍କାର, ଜଳବାୟୁ ପରିବର୍ତ୍ତନର ଆହ୍ୱାନ ଓ କୃତ୍ରିମ ବୁଦ୍ଧିମତ୍ତା ଆଦି ପ୍ରସଙ୍ଗ ଉପରେ ଆଲୋଚନା ହେବ । ଏଥିସହ ସ୍ୱାସ୍ଥ୍ୟକ୍ଷେତ୍ରରେ ସହଯୋଗ ସମ୍ପ୍ରସାରଣ, ବୈଶ୍ୱିକ ସମସ୍ୟା ସମାଧାନପାଇଁ କୃତ୍ରିମ ବୁଦ୍ଧିମତ୍ତାର ନୈତିକ ବ୍ୟବହାର, ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ଆର୍ଥିକ ଆବଶ୍ୟକତା ପୂରଣପାଇଁ ବହୁପାକ୍ଷିକ ବ୍ୟାଙ୍କ୍‌ଗୁଡ଼ିକର ସଂସ୍କାର ଏବଂ ଏକ ସନ୍ତୁଳିତ ଓ ଅନ୍ତର୍ଭୁକ୍ତି ବିଶ୍ୱ ଶାସନ ପ୍ରୋତ୍ସାହନ ପାଇଁ ଭିତ୍ତିଭୂମି  ଗଠନର ଲକ୍ଷ୍ୟ ରହିଛି । ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଅନ୍ୟାନ୍ୟ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର ସମ୍ଭାବନା ରହିଛି । ଦୁଇଦିନିଆ ଶିଖର ସମ୍ମିଳନୀ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି

ବ୍ରାସେଲିଆ ଗସ୍ତରେ ଯିବେ । ପ୍ରାୟ ୬ ଦଶନ୍ଧି ମଧ୍ୟରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ବ୍ରାସେଲିଆ ଗସ୍ତ ହେବ । ଦୁଇ ରାଷ୍ଟ୍ର ମଧ୍ୟରେ ରଣନୈତିକ ସମ୍ପର୍କକୁ ଦୃଢ଼ୀଭୂତ କରିବା ନେଇ ବ୍ରାଜିଲ୍ ରାଷ୍ଟ୍ରପତି ଲୁଇଜ୍ ଇନାସୟୋ ଲୁଲା ଦା ସିଲ୍‌ଭାଙ୍କ ସହ ଶ୍ରୀ ମୋଦି ଦ୍ୱିପାକ୍ଷିକ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଗୁଜରାଟ - ଅମିତ୍ ଶାହା

ଦେଶର ଆର୍ଥିକ ବିକାଶରେ ସମବାୟ ସମିତିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି । ସମବାୟ ମନ୍ତ୍ରଣାଳୟର ୪ ବର୍ଷ ପୂର୍ତ୍ତି ଅବସରରେ ଗୁଜରାଟର ଆନନ୍ଦସ୍ଥିତ ଅମୁଲ ଏବଂ ଜାତୀୟ ଦୁଗ୍ଧ ପ୍ରକ୍ରିୟାକରଣ ବିକାଶ ବୋର୍ଡ଼ - ଏନ୍.ଡି.ଡି.ବି.ର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରି ଶ୍ରୀ ଶାହା କହିଛନ୍ତି :

***Voice (Shah)*** :.........

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ୨ ଲକ୍ଷ ନୂତନ ପ୍ରାଥମିକ କୃଷି ଋଣ ସମିତି, ସହକାରିତା ବିଶ୍ୱବିଦ୍ୟାଳୟ, ଖାଦ୍ୟଶସ୍ୟ ଉତ୍ପାଦନ ଓ ବିକ୍ରୟ ପାଇଁ ୩ଟି ସମବାୟ ସମିତି ଏବଂ ଦୁଗ୍ଧ ପ୍ରକ୍ରିୟାକରଣପାଇଁ ୩ଟି ସମବାୟ ସମିତି ସହଯୋଗରେ ଦେଶର ସମବାୟ ଆନ୍ଦୋଳନକୁ ଆହୁରି ସଶକ୍ତ ହେବ । ଏହି

ଅବସରରେ ଶ୍ରୀ ଶାହା’ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କହିଛନ୍ତି, ତାଙ୍କ ବିନା କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରି ନ ଥା’ନ୍ତା ।

## ରାଜନାଥ ସିଂହ - କଣ୍ଟ୍ରୋଲର୍ସ କନ୍‌ଫରେନ୍ସ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ନୂଆଦିଲ୍ଲୀରେ ନିୟନ୍ତ୍ରକ ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ତିନିଦିନିଆ ସମ୍ମିଳନୀ ପ୍ରତିରକ୍ଷା ଆକାଉଣ୍ଟସ୍ ବିଭାଗ - ଡି.ଏ.ଡି. ଦ୍ୱାରା ଆୟୋଜିତ ହେଉଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଏହି କାର୍ଯ୍ୟକ୍ରମରେ ୮ଟି ଉଚ୍ଚସ୍ତରୀୟ ବ୍ୟାବସାୟିକ ଅଧିବେଶନ ଅନୁଷ୍ଠିତ ହେବ । ସେଥିରେ ବଜେଟ୍ ଏବଂ ଆକାଉଣ୍ଟ୍‌ସ ସଂସ୍କାର, ଆଭ୍ୟନ୍ତରୀଣ ଅଡିଟ୍ ପୁନର୍ଗଠନ, ସହଯୋଗୀ ଗବେଷଣା, ମୂଲ୍ୟ ନିର୍ଦ୍ଧାର ନବସୃଜନ ଏବଂ କ୍ଷମତା ନିର୍ମାଣ ଭଳି କ୍ଷେତ୍ର ଅନ୍ତର୍ଭୁକ୍ତ ହେବ । ମନ୍ତ୍ରଣାଳୟ କହିଛି, ଅଧିବେଶନଗୁଡ଼ିକ ଏକ ପ୍ରତିଯୋଗିତାମୂଳକ ଏବଂ ଆତ୍ମନିର୍ଭରଶୀଳ ପ୍ରତିରକ୍ଷା ଶିଳ୍ପପାଇଁ ରଣନୈତିକ ସମର୍ଥନ ସହିତ ଆର୍ଥିକ ବିଚକ୍ଷଣତାକୁ ସନ୍ତୁଳିତ କରିବାରେ ସମନ୍ୱିତ ଆର୍ଥିକ ପରାମର୍ଶଦାତାଙ୍କ ଭୂମିକା ଅନୁସନ୍ଧାନ କରିବ । ପ୍ରତିରକ୍ଷା ଆକାଉଣ୍ଟ୍‌ସ ବିଭାଗ, ପ୍ରଶାସନିକ ସେବା, ଶିକ୍ଷାନୁଷ୍ଠା, ବୁଦ୍ଧିଜୀବୀ ଏବଂ

ଅନ୍ୟାନ୍ୟ ଅଂଶୀଦାରମାନଙ୍କ ପ୍ରତିନିଧିଦଳ ଏହି ସମ୍ମିଳନୀରେ ଯୋଗଦେବେ । ସମ୍ମିଳନୀର ବିଷୟବସ୍ତୁ ରହିଛି "ପ୍ରତିରକ୍ଷା ଆର୍ଥିକ ଓ ଅର୍ଥନୀତି ମାଧ୍ୟମରେ ଆର୍ଥିକ ପରାମର୍ଶ, ଦେୟ, ଅଡିଟ୍ ଏବଂ ହିସାବର ରୂପାନ୍ତରଣ" । ଏହି ସମ୍ମିଳନୀରେ ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଅନିଲ୍ ଚୌହାନ୍ଙ୍କ ସମେତ ତିନି ବାହିନୀର ମୁଖ୍ୟ, ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଆର୍ଥିକ ପରାମର୍ଶଦାତା, ପ୍ରତିରକ୍ଷା ଆକାଉଣ୍ଟ୍ସର ମହାନିୟନ୍ତ୍ରକ ପ୍ରମୁଖ ଯୋଗଦେବେ ।

## ନଡ୍ଡା - ଆପଏଣ୍ଟମେଣ୍ଟ ଲେଟର୍ସ

ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆଜି ଜାତୀୟ ରାଜଧାନୀ ଦିଲ୍ଲୀରେ ୧ ହଜାର ୨୦୦ରୁ ଅଧିକ ନର୍ସିଂ ଅଧିକାରୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଛନ୍ତି, ଭାରତର ସ୍ୱାସ୍ଥ୍ୟ ନୀତି ଆଜି ଚିକିତ୍ସାମୂଳକ ସ୍ୱାସ୍ଥ୍ୟସେବାରୁ ପ୍ରତିରୋଧକମୂଳକ ଚିକିତ୍ସା ଆଡ଼କୁ ଗତିକରିଛି । ଦେଶର ସ୍ୱାସ୍ଥ୍ୟବ୍ୟବସ୍ଥା ଆଜି ଅନ୍ତର୍ଭୁକ୍ତି ହୋଇସାରିଛି, ଯାହା କେବଳ ଚିକିତ୍ସା ଉପରେ ନୁହେଁ; ବରଂ ପୁନର୍ବାସ ଉପରେ ମଧ୍ୟ ଧ୍ୟାନ ଦେଉଛି ।

***Voice (Nadda)*** :...........

ଶ୍ରୀ ନଡ୍ଡା କହିଛନ୍ତି, ୪ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଓ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ ଅନ୍ତର୍ଗତ ୧ ହଜାର ୭୫୦ କୋଟି ଟଙ୍କା ଆବଣ୍ଟିତ ହେବାସତ୍ତ୍ୱେ ପୂର୍ବତନ ଦିଲ୍ଲୀ ସରକାର ଗୋଟିଏ ଟଙ୍କା ମଧ୍ୟ ବିନିଯୋଗ କରି ନ ଥିଲେ । ବର୍ତ୍ତମାନର ଦିଲ୍ଲୀ ସରକାର ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ୧ ହଜାର ୧୦୦ରୁ ଅଧିକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ ପାଇଁ ଆବଣ୍ଟିତ ପାଣ୍ଠିକୁ ସଫଳତାର ସହ ବିନିଯୋଗ କରିବେ ବୋଲି ମନ୍ତ୍ରୀ ଆସ୍ଥା ପ୍ରକଟ କରିଛନ୍ତି । ମନ୍ତ୍ରୀ କହିଛନ୍ତି, ଆରୋଗ୍ୟ ମନ୍ଦିରଗୁଡ଼ିକରେ ୩୦ ବର୍ଷରୁ ଅଧିକ ବୟସ୍କଙ୍କୁ ନିଃଶୁଳ୍କ ସ୍କ୍ରିନିଂ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ସହିତ ସହରର ସ୍ୱାସ୍ଥ୍ୟ ଭିତ୍ତିଭୂମି ବୃଦ୍ଧି କରିବାରେ ସହାୟକ ହେବ । କର୍କଟ, ମଧୁମେହ ଓ ଉଚ୍ଚ ରକ୍ତଚାପ ଚିକିତ୍ସା କ୍ଷେତ୍ରରେ ଆରୋଗ୍ୟ ମନ୍ଦିରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ହେବ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଉପସ୍ଥିତ ଥିଲେ ।

## ଓଡ଼ିଶା - ସୁନାବେଶ

ଶ୍ରୀକ୍ଷେତ୍ର ପୁରୀରେ ଆଜି ଆଷାଢ଼ ଶୁକ୍ଳ ହରିଶୟନ ଏକାଦଶୀ ତିଥିରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଶ୍ରୀଜିଉମାନେ ଶ୍ରଦ୍ଧାଳୁମାନଙ୍କୁ ସୁନାବେଶରେ ଦର୍ଶନ ଦେଉଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ

ଦେବୀ ସୁଭଦ୍ରାଙ୍କୁ ହୀରାନୀଳା, ମୋତି ମାଣିକ୍ୟ ଖଚିତ ୧୩୮ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇଛି।

ଧାର୍ଯ୍ୟ ନୀତିନିର୍ଘଣ୍ଟ ପୂର୍ବରୁ ଅପରାହ୍ନ ୪ଟା ୪୫ଠାରୁ ମହାପ୍ରଭୁଙ୍କ ଏହି ରାଜରାଜେଶ୍ୱର ବେଶକୁ ଦର୍ଶନ ପାଇଁ ବଡଦାଣ୍ଡରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଛି। କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ରାତି ୧୧ଟା ଯାଏଁ ସୁନାବେଶ ଦର୍ଶନ ଚାଲିବ । ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କଲେ ଅଶେଷ ପୂଣ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି।

## କୈଳାସ ମାନସରୋବର ଯାତ୍ରା

କୈଳାସ ମାନସରୋବର ଯାତ୍ରୀଙ୍କ ଦ୍ୱିତୀୟ ଦଳ ଆଜି କୈଳାସ ପର୍ବତ ଏବଂ ମାନସରୋବରର ପବିତ୍ର ତୀର୍ଥଯାତ୍ରା ସମାପ୍ତ କରି ଗ୍ୟାଙ୍ଗ୍‌ଟକ୍ ଫେରିଛନ୍ତି । ୪୭ ଜଣ ଯାତ୍ରୀଙ୍କ ନେଇ ଗଠିତ ଦ୍ୱିତୀୟ ଦଳ ଗତମାସ ୨୫ ତାରିଖରେ ନାଥୁଲା ସୀମା ଦେଇ ଯାତ୍ରା ଆରମ୍ଭ କରିଥିଲେ । ଯାତ୍ରୀମାନେ ସିକ୍କିମ୍ ସରକାରଙ୍କ ସୁଗମ ବ୍ୟବସ୍ଥା ଓ ଆତିଥ୍ୟତାପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ଐତିହାସିକ କୈଳାସ ମାନସରୋବର ଯାତ୍ରା ଗତମାସ ୨୦ ତାରିଖରେ ନାଥୁଲା’ରୁ ଆରମ୍ଭ ହୋଇଥିଲା । ସିକ୍କିମ୍ ରାଜ୍ୟପାଳ ଓମ୍‌ପ୍ରକାଶ

ମାଥୁର ୩୬ ଜଣିଆ ପ୍ରଥମ ତୀର୍ଥଯାତ୍ରୀ ଦଳଙ୍କୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ।

## ଗାଜା ଟକ୍ସ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜାରେ ଯୁଦ୍ଧବିରତି ସଂକ୍ରାନ୍ତ ଆଲୋଚନାପାଇଁ ଆଜି କତାର୍‌କୁ ଏକ ପ୍ରତିନିଧିଦଳ ପଠାଇବା ଘୋଷଣା କରିଛନ୍ତି । ପ୍ରାୟ ୨୧ ମାସ ଧରି ଚାଲିଥିବା ସଂଘର୍ଷର ଅନ୍ତପାଇଁ ନୂତନ କୂଟନୈତିକ ପ୍ରୟାସ ମଧ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ହମାସ୍‌ଦ୍ୱାରା ଦିଆଯାଇଥିବା ସଦ୍ୟତମ ଯୁଦ୍ଧବିରତି ପ୍ରସ୍ତାବକୁ ଶ୍ରୀ ନେତାନ୍ୟାହୁ ଦୃଢ଼ତାର ସହ ପ୍ରତ୍ୟାଖ୍ୟାନ କରିଛନ୍ତି । କାତାର୍ ମଧ୍ୟସ୍ଥତା ଚୁକ୍ତିରେ ଗୋଷ୍ଠୀର ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି । ଇତିମଧ୍ୟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ୱାଶିଂଟନ୍‌ରେ ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କୁ ଭେଟିବାର ଆଶା କରାଯାଉଛି । ଗାଜା ଯୁଦ୍ଧବିରତି ନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

# କ୍ରିକେଟ୍ - ଇଣ୍ଡିଆ-ଇଂଲଣ୍ଡ

ବର୍ମିଙ୍ଗ୍‌ହାମ୍ ଟେଷ୍ଟର ପଞ୍ଚମ ଦିନରେ ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା ଆୟୋଜକ ଇଂଲଣ୍ଡ ଭାରତ ବିପକ୍ଷରେ ଦ୍ୱିତୀୟ ଇନିଙ୍ଗ୍‌ସରେ ୬ ଓ୍ୱିକେଟ୍ ହରାଇ ୧୫୩ ରନ୍ ସଂଗ୍ରହ କରିବା ସହ ଆୟୋଜକ ଦଳ ୪୫୫ ରନ୍ ପଛରେ ଥିଲା । ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫିର ଦ୍ୱିତୀୟ ଟେଷ୍ଟରେ ଭାରତ ଦୃଢ଼ ସ୍ଥିତିରେ ରହିବା ସହ ବିଜୟ ପାଇଁ ଆଉ ୪ ଟି ଓ୍ୱିକେଟ୍ ଆବଶ୍ୟକ କରୁଛି । ଭାରତ ଏହି ମ୍ୟାଚ୍‌କୁ ଜିତିଲେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ୧-୧ ସ୍ଥିତିକୁ ଆସିବ ।

ପୂର୍ବରୁ ଆଜି ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ ଖେଳ ବିଳମ୍ବରେ ଆରମ୍ଭ ହୋଇଥିଲା । ଚତୁର୍ଥ ଦିନରେ ଭାରତୀୟ ଅଧିନାୟକ ଶୁଭ୍‌ମନ୍ ଗିଲ୍ ଟେଷ୍ଟ ଇତିହାସରେ ସର୍ବଶ୍ରେଷ୍ଠ ବ୍ୟକ୍ତିଗତ ପ୍ରଦର୍ଶନ କରିଥିଲେ । ସେ ଉଭୟ ଇନିଙ୍ଗ୍‌ସରେ ୪୩୦ ରନ୍ ସଂଗ୍ରହ କରିଥିଲେ, ଯାହା ୧୯୯୦ ମସିହାରେ ଭାରତ ବିପକ୍ଷ ମ୍ୟାଚ୍‌ରେ ଇଂଲଣ୍ଡର ଗ୍ରାହମ ଗୁଚ୍‌ଙ୍କ ୪୫୬ ରନ୍ ପଛକୁ ଦ୍ୱିତୀୟ ସର୍ବାଧିକ ସ୍କୋର୍ । ଇଂଲଣ୍ଡ ସମ୍ମୁଖରେ ୬୦୮ ରନ୍‌ର ବିଜୟ ଲକ୍ଷ୍ୟ ରହିଛି । ଏହା ଟେଷ୍ଟ ଇତିହାସରେ ସେମାନଙ୍କ ବିପକ୍ଷରେ ଧାର୍ଯ୍ୟ କରାଯାଇଥିବା ଦ୍ୱିତୀୟ ସର୍ବାଧିକ ଚତୁର୍ଥ ଇନିଙ୍ଗ୍‌ସ ଲକ୍ଷ୍ୟ ।

# ୱିମ୍ବଲଡନ୍

ୱିମ୍ବଲଡନ୍ ଟେନିସ୍‌ରେ ଯୁକି ଭାମ୍ବ୍ରି ଏକମାତ୍ର ଭାରତୀୟ ଖେଳାଳି । ମିକ୍ସଡ୍ ଡବଲ୍‌ସରେ ଭାମ୍ବ୍ରି ଓଚୀନ୍‌ର ସିନ୍ୟୁ ଜିଆଙ୍ଗ୍‌ଙ୍କ ଯୋଡ଼ି ଦୁଇନମ୍ବର ମାନ୍ୟତାପ୍ରାପ୍ତ ଯୋଡ଼ି ସାଲ୍‌ଭାଡୋରାନ୍‌ର ମାର୍ସେଲୋ ଆରେଭାଲୋ ଓ ଚୀନ୍‌ର ସୁଆଇ ଝାଙ୍ଗ୍‌ଙ୍କୁ ଭେଟିବେ ।

ପୁରୁଷ ସିଙ୍ଗଲ୍‌ସରେ ଗତବର୍ଷର ଚାମ୍ପିୟନ୍ କାର୍ଲୋସ୍ ଆଲ୍‌କାରାଜ ଓ ଆଣ୍ଡ୍ରେ ରୁବ୍‌ଲେଭ୍‌ଙ୍କ ମଧ୍ୟରେ ମୁକାବିଲା ହେବ ।

ମହିଳା ସିଙ୍ଗଲ୍‌ସରେ ବିଶ୍ୱର ଏକନମ୍ବର ଖେଳାଳି ଆରିନା ସାବାଲେଙ୍କା' ଏଲିସ୍ ମର୍ଟେନ୍‌ସଙ୍କ ବିପକ୍ଷରେ ପ୍ରଥମ ୱିମ୍ବଲଡନ୍ ଟାଇଟଲ୍ ହାସଲ କରିବାପାଇଁ ପ୍ରୟାସ ଜାରି ରଖିଛନ୍ତି । ଗତକାଲି ପୂର୍ବଥରର ଚାମ୍ପିୟନ୍ ବାର୍‌ବୋରା କ୍ରେଜିକୋଭା ତୃତୀୟ ରାଉଣ୍ଡରେ ବିଶ୍ୱର ୧୦ ନମ୍ବର ମାନ୍ୟତାପ୍ରାପ୍ତ ଏମା ନାଭାରୋଙ୍କଠାରୁ ପରାସ୍ତ ହୋଇଥିଲେ ।

*****